# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ପତ୍ର ସଂଖ୍ୟା ----୭୬୯----/ସୂ.ଲୋ.ସଂ, ୧୪/୦୮/୨୦୧୯----------

ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ପ୍ରତିଯୋଗିତା ନିମନ୍ତେ ଅଧ୍ୟାପକମାନେ ପ୍ରସ୍ତୁତ କରନ୍ତୁ :- ଉଚ୍ଚ ଶିକ୍ଷାମନ୍ତ୍ରୀ ଡ଼ଃ. ଅରୁଣ କୁମାର ସାହୁ

ଢେଙ୍କାନାଳ :- ତା ୧୪।୮।୨୦୧୯ରିଖ :- ସାଂପ୍ରତିକ ପରିସ୍ଥିତିରେ ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ପ୍ରତିଯୋଗିତା ନିମନ୍ତେ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନେ ପ୍ରସ୍ତୁତ କରିବାକୁ ଉଚ୍ଚ ଶିକ୍ଷା ମନ୍ତ୍ରୀ ଡ଼ଃ ଅରୁଣ କୁମାର ସାହୁ ପରାମର୍ଶ ଦେଇଛନ୍ତି ।

ଆଜି ଅପରାହ୍ନରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ-ଠାରେ ମନ୍ତ୍ରୀ ଡ଼ଃ. ସାହୁ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ସରକାରୀ ମହିଳା ମହାବିଦ୍ୟାଳୟ, ଢେଙ୍କାନାଳର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀମାନଙ୍କର ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ସଂପ୍ରତି ମହାବିଦ୍ୟାଳୟମାନଙ୍କରେ ଅଧ୍ୟାପନା କ୍ଷେତ୍ରରେ ଏକ ପରିବର୍ତ୍ତନ ଆସିଛି ଏବଂ ଶୃଙ୍ଖଳା ରକ୍ଷା ଗୁଣ ବିଧାନ ଓ ଠିକ ସମୟରେ ଫଳ ପ୍ରକାଶ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସାଂପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଶିକ୍ଷାଦାନ ଆଜିର ଆହ୍ୱାନ । ସରକାରୀ ମହାବିଦ୍ୟାଳୟଗୁଡିକ ବେସରକାରୀ ମହାବିଦ୍ୟାଳୟମାନଙ୍କ ସହ ପ୍ରତିଯୋଗିତା କରିବା ଉଚିତ ବୋଲି ଡ଼ଃ ସାହୁ ମତ ପ୍ରକାଶ କରିଥିଲେ । ଆଗାମୀ ଦିନରେ ଶିକ୍ଷା ନୀତିର ପରିବର୍ତ୍ତନ ଓ ସଂଶୋଧନ ନିମନ୍ତେ ଉଚ୍ଚ ଶିକ୍ଷା ବିଭାଗ କାର୍ଯ୍ୟ କରୁଛି । କଲେଜର ଅଧ୍ୟାପକ ଅଧ୍ୟାପିକାମାନଙ୍କ ସହିତ ମନ୍ତ୍ରୀ ଡ଼ଃ ସାହୁ ଉନ୍ନତ ଶିକ୍ଷାଦାନ ସଂପର୍କରେ ଭାବର ଆଦାନ ପ୍ରଦାନ କରିଥିଲେ । ଅଧ୍ୟାପକ ଅଧ୍ୟାପିକାମାନେ ମଧ୍ୟ ସେମାନଙ୍କର ଶିକ୍ଷାଦାନ ସଂପର୍କୀୟ ଅସୁବିଧା ସଂପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ସୁବିଧା ନ ରହିଲେ ଶିକ୍ଷାଦାନ ଭଳି ମହତ କାର୍ଯ୍ୟକୁ କରିବା ପାଇଁ ଆଗ୍ରହ ପ୍ରକାଶ ପାଉନାହିଁ ବୋଲି ସେ କହିଥିଲେ । ସମସ୍ତ ଅଧ୍ୟାପକ ଓ କର୍ମଚାରୀମାନେ ନିଜର ଆତ୍ମ ସନ୍ତୋଷ ପାଇଁ କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରନ୍ତୁ, ଯାହାଦ୍ୱାରା ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସର୍ବଦା ଉପକୃତ ହୋଇପାରିବେ । ଆଗାମୀ ସମୟ ପରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଢେଙ୍କାନାଳ ସରକାରୀ ମହିଳା ମହାବିଦ୍ୟାଳୟର ଶିକ୍ଷାଦାନର ପରିବର୍ତ୍ତନ ମନ୍ତ୍ରୀ ଅନୁଭବ କରିବେ ବୋଲି

(ଅ.ପୃ.ଦେ.)

ଦୃଢ଼ ଆଶାପୋଷଣ କରିଥିଲେ ।

ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ରୁକ୍ମିଣୀ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ସମୀକ୍ଷା ବୈଠକରେ ଢେଙ୍କାନାଳ ବିଧାୟକ ଶ୍ରୀଯୁକ୍ତ ସୁଧୀର କୁମାର ସାମଲ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଜେଶ କୁମାର ନାୟକ, ଉପଜିଲ୍ଲାପାଳ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ, ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ବନିତା ଆଗରୱାଲ, ଶାଳନେ ମନୀଷି ଅନୁଗତ ସଭ୍ୟ ଶ୍ରୀ ଦେବାଶିଷ ସିଂହ, ଅଧ୍ୟାପକ ଅଧ୍ୟାପିକା, ଛାତ୍ରୀମାନେ ଉପସ୍ଥିତ ଥିଲେ ।

— x —

ହେମନ୍ତ କୁମାର ନାୟକ ୧୪/୧୨୦୧୮
ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ
ଢେଙ୍କାନାଳ